# ବିଶ୍ୱ ମିଶନ୍ ୨୦୨୫ ଉଦ୍ଦେଶ୍ୟ ମହାମହିମ ପୂଣ୍ୟପିତା ଫ୍ରାନ୍ସିସ୍‌ଙ୍କ ବାର୍ତ୍ତା

## ୧୯ ଅକ୍ଟୋବର ୨୦୨୫

## "ସମସ୍ତ ଲୋକଙ୍କ ମଧ୍ୟରେ ଆଶାର ମିଶନାରୀ"

ପ୍ରିୟ ଭାଇ ଓ ଭଉଣୀମାନେ !

୨୦୨୫ ଜୟନ୍ତୀ ବର୍ଷରେ ବିଶ୍ୱ ମିଶନ୍ ଦିବସର ମୁଖ୍ୟ ବାର୍ତ୍ତା ଅଟେ ଆଶା (*cf. **Bull Spes Non Confundit, 1***)

ଏହି ବାର୍ତ୍ତା ଆଧାରରେ ମୁଁ ଏହି ଶୀର୍ଷକ ବାଛୁଅଛି, "ସମସ୍ତ ଲୋକଙ୍କ ମଧ୍ୟରେ ଆଶାର ମିଶନାରୀମାନେ ।" ଏହା ପ୍ରତ୍ୟେକ ଖ୍ରୀଷ୍ଟିୟାନ ଓ ସମଗ୍ର ମଣ୍ଡଳୀକୁ ଅର୍ଥାତ୍, ଦୀକ୍ଷାସ୍ନାନ ପ୍ରାପ୍ତ ବିଶ୍ୱାସୀସମୂହକୁ ଖ୍ରୀଷ୍ଟଙ୍କ ପଦାଙ୍କରେ ଚାଲି ତାଙ୍କର ବାର୍ତ୍ତାବାହକ ଏବଂ ଆଶାର ସଂଗଠକ ହେବାର ମୌଳିକ କର୍ତ୍ତବ୍ୟ ବିଷୟରେ ସ୍ମରଣ କରାଇଦିଏ । ମୁଁ ବିଶ୍ୱାସ କରେ ଯେ ଏହା ସମସ୍ତଙ୍କ ପାଇଁ ବିଶ୍ୱସ୍ତ ପରମେଶ୍ୱରଙ୍କ ସହିତ ଅନୁଗ୍ରହର ସମୟ ହେବ ଯିଏ ଆମକୁ ପୁନରୁତ୍‌ଥିତ ଖ୍ରୀଷ୍ଟଙ୍କଠାରେ "ଜୀବନ୍ତ ଆଶା ପାଇଁ" ନୂତନ ଜନ୍ମ ଦେଇଛନ୍ତି (୧ପିତର ୧:୩-୪)। ଏଠାରେ, ମୁଁ ଆମର ଖ୍ରୀଷ୍ଟିୟାନ ମିଶନାରୀ ପରିଚୟର କିଛି ପ୍ରସଙ୍ଗକୁ ଉଲ୍ଲେଖ କରିବାକୁ ଚାହେଁ, ଯଦ୍ୱାରା ଆମେ ଈଶ୍ୱରଙ୍କ ଆତ୍ମା ଦ୍ୱାରା ପରିଚାଳିତ ହୋଇ ତମସା ଘେରା ବିଶ୍ୱରେ ନୂତନ ଭାବରେ ସୁସମାଚାର ପ୍ରଚାରର ଆଶାକୁ ପ୍ରଜ୍ୱଳିତ କରିପାରିବା (cf. ***Fratelli Tutti, 9-55***)

### ୧. ଖ୍ରୀଷ୍ଟଙ୍କ ପଥରେ ଆମର ଆଶା:

ଖ୍ରୀଷ୍ଟ ଜୟନ୍ତୀ ୨୦୦୦ ମସିହାର ସମାରୋହ ପାଳନ ପରବର୍ତ୍ତୀ ତୃତୀୟ ଶତାବ୍ଦୀର ପ୍ରଥମ ସାଧାରଣ ଜୟନ୍ତୀ ପାଳନ କରିବା ଅବସରରେ, ସମ୍ପୂର୍ଣ୍ଣ ଇତିହାସର କେନ୍ଦ୍ରବିନ୍ଦୁ ଆମ ଖ୍ରୀଷ୍ଟଙ୍କ ଉପରେ ଆମର ଦୃଷ୍ଟି ନିବଦ୍ଧ କରି ରଖିବା ଯିଏ, "ଗତକାଲି ଏବଂ ଆଜି ଏବଂ ଚିରକାଳ ସମାନ" ଅଟନ୍ତି (ଏବ୍ରୀୟ ୧:୩୮) । ନାଜାରେତ୍‌ର ସମାଜଗୃହରେ, ଯୀଶୁ ଘୋଷଣା କରି କହନ୍ତି ଯେ, ତାଙ୍କ ଉପସ୍ଥିତିରେ ହିଁ "ଆଜି" ଶାସ୍ତ୍ରର ବାକ୍ୟ ପୂରଣ ହେଲା । ଏହିପରି ହିଁ ସେ ପ୍ରକାଶ କଲେ ଯେ, ସେ ହିଁ ହେଉଛନ୍ତି ପିତାଙ୍କ ଦ୍ୱାରା ପ୍ରେରିତ ଓ ପବିତ୍ର ଆତ୍ମାଙ୍କ ଦ୍ୱାରା ଅଭିଷିକ୍ତ ବ୍ୟକ୍ତି ଯାହାଙ୍କୁ ଈଶ୍ୱରଙ୍କ ରାଜ୍ୟର ସୁସମାଚାର ପ୍ରଚାର କରି ସମସ୍ତ ମାନବଜାତି ପାଇଁ "ପ୍ରଭୁଙ୍କ ଅନୁଗ୍ରହର ବର୍ଷ" ଆରମ୍ଭ କରିବା ପାଇଁ ପ୍ରେରିତ ହୋଇଛନ୍ତି (ଲୁକ୍ ୪:**୧୬-୨୧**) ।

ଏହି ରହସ୍ୟଜନକ ଶବ୍ଦ "ଆଜି", ଯାହା ଜଗତର ଶେଷ ପର୍ଯ୍ୟନ୍ତ ରହିବ ଏବଂ ଖ୍ରୀଷ୍ଟ ହିଁ ସମସ୍ତଙ୍କର ପରିତ୍ରାଣ ହେବେ ଏବଂ ବିଶେଷକରି ସେହିମାନଙ୍କ ପାଇଁ ଯେଉଁମାନେ ଅନ୍ତିମ ଦିନ ପର୍ଯ୍ୟନ୍ତ ପରମେଶ୍ୱରଙ୍କଠାରେ ଭରସା ରଖନ୍ତି । ତାଙ୍କ ପାର୍ଥିବ ଜୀବନ କାଳରେ, ସେ ସମସ୍ତଙ୍କର ମଙ୍ଗଳ କଲେ ତଥା ଅନେକଙ୍କୁ ସୁସ୍ଥ କଲେ, (ପ୍ରେରିତ ୧୦:୩୮), ଦୁଃଖି ଏବଂ ଆବଶ୍ୟକ ଲୋକଙ୍କଠାରେ ପରମେଶ୍ୱରଙ୍କର ଭରସା ଫେରାଇ ଆଣିଥିଲେ । ପାପ ବ୍ୟତୀତ, ସେ ମାନବ ସମ୍ୱଳିତ ସମସ୍ତ ଦୁର୍ବଳତା ଅନୁଭବ କରିଥିଲେ, ଏପରିକି ଗେଥ୍‌ସେମନୀ ଉଦ୍ୟାନରେ ସଙ୍ଘଠିତ ଚରମ ଯନ୍ତ୍ରଣା ଯାହା ତାଙ୍କୁ କ୍ରୁଶ ମରଣ ପର୍ଯ୍ୟନ୍ତ ଟାଣି ନେଇଥିଲା ଯାହା ମନୁଷ୍ୟଙ୍କୁ ନିରାଶା ତଥା ଶାନ୍ତିର ଯୋଜନା ରଖି ସବୁକିଛିକୁ ତାଙ୍କ ପିତାଙ୍କଠାରେ ଆଜ୍ଞାବହତାର ସହିତ ସମର୍ପି ଦେଲେ । (**cf. Jer 29:11**) ଏହିପରି ଭାବରେ ସେ ଶତାବ୍ଦୀ-ଶତାବ୍ଦୀ ଧରି ସମସ୍ତ ଚରମ ତାଡ଼ନା ମଧ୍ୟରେ ଈଶ୍ୱର ପ୍ରଦତ୍ତ ମିଶନାରୀ କାର୍ଯ୍ୟକୁ ତୁଲାଇ ଆଶାର ଦିବ୍ୟ ମିଶନାରୀଙ୍କର ଜଣେ ସର୍ବଶ୍ରେଷ୍ଠ ଆଦର୍ଶ ପାଲଟିଗଲେ ।

ତଦ୍‌ରୂପ ସେ ତାଙ୍କ ଶିଷ୍ୟମାନଙ୍କୁ ସମଗ୍ର ମାନବଜାତିକୁ ପଠାଇ ସ୍ୱୟଂ ସେମାନଙ୍କ ମଧ୍ୟରେ ରହସ୍ୟମୟ ଭାବରେ ଉପସ୍ଥିତ ରହି ମାନବଜାତି ମଧ୍ୟରେ ଆଶାର ସେବାକୁ ଜାରି ରଖିଛନ୍ତି । ଆଜି ସୁଦ୍ଧା ସେ ଗରିବ, ପୀଡ଼ିତ, ନିରାଶାଗ୍ରସ୍ତ ଓ ନିର୍ଯ୍ୟାତୀତଙ୍କ ପ୍ରତି ସହାନୁଭୂତି ଦେଖାଇ "ସେମାନଙ୍କ କ୍ଷତରେ ସାନ୍ତ୍ୱନାର ବାମ୍ଫ ଏବଂ ଆଶାର ଦ୍ରାକ୍ଷାରସ" ଢ଼ାଳି ଦିଅନ୍ତି ("ଉତମ ସମାରୀତୀୟ ଯୀଶୁ") । ଆଜି ମଣ୍ଡଳୀ ତାଙ୍କର ପ୍ରଭୁ ଓ ଗୁରୁଙ୍କ ପ୍ରତି ଆଜ୍ଞାଶୀଳ ହୋଇ ସମାନ୍ ସେବାର ଆତ୍ମାରେ ବଳିୟାନ ହୋଇ ଖ୍ରୀଷ୍ଟଙ୍କ ମିଶନାରୀ ଶିଷ୍ୟମାନଙ୍କର ସମୁଦାୟ ମଣ୍ଡଳୀ, ସମସ୍ତ ଜାତି ମଧ୍ୟରେ ତାଙ୍କର ଜୀବନ ଉତ୍ସର୍ଗ କରି ଖ୍ରୀଷ୍ଟଙ୍କ ସାକ୍ଷ୍ୟ ବହନ କରେ ଓ ସେହି ମିଶନ୍ କାର୍ଯ୍ୟକୁ ଆଗେଇ ନେଇଥାଏ । ତାଡ଼ନା, କ୍ଲେଶ, ସମସ୍ୟା ତଥା ମଣ୍ଡଳୀର ବିଶ୍ୱାସୀବର୍ଗଙ୍କ ଦୁର୍ବଳତା ସକାଶେ ସେମାନଙ୍କର ବିଫଳତା ଓ ଦୁର୍ବଳତାର ସମ୍ମୁଖୀନ ହେବା ସମୟରେ, ମଣ୍ଡଳୀ ସର୍ବଦା ଖ୍ରୀଷ୍ଟଙ୍କ ପ୍ରେମରେ ପ୍ରଭାବିତ ହୋଇ ତାଙ୍କ ସହିତ ଓ ତାଙ୍କ ମିଶନାରୀ ଯାତ୍ରାରେ ଯୋଡ଼ି ରହି ତାଙ୍କ ପରି ଏବଂ ତାଙ୍କ ସହିତ, ଯନ୍ତ୍ରିତ ଆର୍ତନାଦ ଶୁଣିବା ପାଇଁ ଅନୁପ୍ରେରିତ ହୁଏ । ଏହିପରି ମଣ୍ଡଳୀକୁ ହିଁ ପ୍ରଭୁ ସର୍ବଦା ଏବଂ ସବୁଦିନ ତାଙ୍କ ପାଦ ଚିହ୍ନ ଅନୁସରଣ କରିବାକୁ ଡ଼ାକୁଛନ୍ତି: "ଏକ ସ୍ଥିର ମଣ୍ଡଳୀ ନୁହେଁ, ବରଂ ଏକ ମିଶନାରୀ ମଣ୍ଡଳୀ ଯାହା ତାଙ୍କ ପ୍ରଭୁଙ୍କ ସହିତ ବିଶ୍ୱର ପଥ ଦେଇ ଚାଲିଥାଏ" (ଧର୍ମାଧ୍ୟକ୍ଷଙ୍କ ଧର୍ମସଭାର ସାଧାରଣ ସମ୍ମିଳନୀର ସମାପନ ସଭାରେ ପ୍ରଚାର, ୨୭ ଅକ୍ଟୋବର ୨୦୨୪)

ଆଜି ଆମେ ମଧ୍ୟ ପ୍ରଭୁ ଯୀଶୁଙ୍କ ପଦକ୍ଷେପକୁ ଅନୁସରଣ କରିବାକୁ ଅନୁପ୍ରେରିତ ହୋଇ ତାଙ୍କ ସହିତ ଏବଂ ତାଙ୍କଠାରେ ପରମେଶ୍ୱର ଦେଇଥିବା ପ୍ରତ୍ୟେକ ସ୍ଥାନ ଏବଂ ପରିସ୍ଥିତିରେ ସମସ୍ତଙ୍କ ପାଇଁ ଆଶାର ଚିହ୍ନ ଏବଂ ବାର୍ତାବହ ହୋଇପାରିବା । ଆସନ୍ତୁ, ଖ୍ରୀଷ୍ଟଙ୍କ ମିଶନାରୀ ଶିଷ୍ୟ ଭାବରେ, ସମସ୍ତ ଦୀକ୍ଷିତ ବ୍ୟକ୍ତି, ପୃଥିବୀର ପ୍ରତ୍ୟେକ କୋଣରେ ତାଙ୍କର ଆଶାକୁ ଉଜ୍ଜଳ କରିବା ।

## ୨. ଖ୍ରୀଷ୍ଟିୟ ସମୁଦାୟ, ସମସ୍ତ ଲୋକଙ୍କ ମଧ୍ୟରେ ଆଶାର ବାହକ ଏବଂ ନିର୍ମାଣକାରୀ

ପ୍ରଭୁ ଖ୍ରୀଷ୍ଟଙ୍କୁ ଅନୁସରଣ କରିବାକୁ ହେଲେ, ଖ୍ରୀଷ୍ଟିୟାନମାନଙ୍କୁ ସେମାନେ ଭେଟୁଥିବା ଲୋକଙ୍କ ସହିତ ସେମାନଙ୍କର ବାସ୍ତବ ଜୀବନ ଅବସ୍ଥାରେ ଯୋଡ଼ିତ ହୋଇ ସୁସମାଚାର ପ୍ରଚାର କରି ଆଶାର ବାହକ ଏବଂ ନିର୍ମାଣକାରୀ ହେବାକୁ ଆହ୍ୱାନ କରାଯାଇଛି । ବାସ୍ତବରେ, "ଆମ ସମୟର, ବିଶେଷ କରି ଗରିବ ଓ ପୀଡ଼ିତ ଲୋକଙ୍କର ଆନନ୍ଦ ଓ ଆଶା, ଦୁଃଖ ଓ ଯନ୍ତ୍ରଣା ହିଁ ଅଟେ ଖ୍ରୀଷ୍ଟଙ୍କୁ ଅନୁସରଣ କରୁଥିବା ବିଶ୍ୱାସୀଙ୍କର ଆନନ୍ଦ, ଆଶା, ଦୁଃଖ ଓ ଯନ୍ତ୍ରଣା । ପ୍ରକୃତ ମାନବ-ସମ୍ବଳିତ ଯେ କୌଣସି ବିଷୟ ସେମାନଙ୍କ ହୃଦୟରେ ପ୍ରତିଧ୍ୱନି ପାଇବାରେ କେବେବି ବିଫଳ ହୁଏ ନାହିଁ ।" (***cf. Gaudium et Spes, 1***)

ଦ୍ୱିତୀୟ ଭାଟିକାନ୍ ପରିଷଦର ଏହି ଲୋକପ୍ରିୟ ବିବୃତି, ଯାହା ପ୍ରତ୍ୟେକ ଯୁଗର ଖ୍ରୀଷ୍ଟିୟାନ ସମୁଦାୟର ଭାବନା ଏବଂ ଶୈଳୀକୁ ପ୍ରକାଶ କରେ, ତାହା ସେମାନଙ୍କର ସଦସ୍ୟମାନଙ୍କୁ ଅହରହ ପ୍ରେରଣା ଦେଇ ଚାଲିଛି ଏବଂ ସେମାନଙ୍କୁ ବିଶ୍ୱର ଭାଇ ଭଉଣୀମାନଙ୍କ ସହିତ ମିଶି ଚାଲିବା ପାଇଁ ସାହାଯ୍ୟ କରୁଛି । ଏଠାରେ ମୁଁ ବିଶେଷକରି ସେହିମାନଙ୍କ ବିଷୟରେ ଭାବୁଛି ଯେଉଁମାନେ ପୃଥିବୀର ବିଭିନ୍ନ ପ୍ରାନ୍ତ ଓ ପରିସ୍ଥିତିରେ ମିଶନାରୀ ରୂପେ କାର୍ଯ୍ୟ କରନ୍ତି । ପ୍ରଭୁଙ୍କର ଆହ୍ୱାନକୁ ଶୁଣି ଖ୍ରୀଷ୍ଟଙ୍କଠାରେ ପରମେଶ୍ୱରଙ୍କ ପ୍ରେମକୁ ଜଣାଇବା ପାଇଁ ଆପଣମାନେ ଅନ୍ୟ ଦେଶ ଓ ପ୍ରାନ୍ତକୁ ପହଞ୍ଚିଛନ୍ତି । ଏଥିପାଇଁ ମୁଁ ଆପଣ ସମସ୍ତଙ୍କୁ ସ୍ୱହୃଦୟେ ଧନ୍ୟବାଦ ଜ୍ଞାପନ କରୁଅଛି । ଆପଣଙ୍କର ଜୀବନ ହିଁ ପୁନରୁର୍ଥିତ ଖ୍ରୀଷ୍ଟଙ୍କ ଅନ୍ତିମ ଆଦେଶର ଏକ ଜୀବନ୍ତ ଓ ସ୍ୱଷ୍ଟ ପ୍ରତ୍ୟୁତୋର ଅଟେ, ଯିଏ ସମସ୍ତ ଲୋକଙ୍କୁ ସୁସମାଚାର ପ୍ରଚାର କରିବା ପାଇଁ ତାଙ୍କ ଶିଷ୍ୟମାନଙ୍କୁ ପ୍ରେରଣ କଲେ । (ମାଥିଉ ୨୮:୧୮-୨୦) ଏହିପରି ଭାବରେ ହିଁ, ତୁମେ ପବିତ୍ରାତ୍ମାଙ୍କ ଶକ୍ତି ଏବଂ ଦୈନନ୍ଦିନ ପ୍ରୟାସ ଦ୍ୱାରା ସମସ୍ତ ଲୋକଙ୍କ ମଧ୍ୟରେ ମିଶନାରୀ ଏବଂ ପ୍ରଭୁ ଖ୍ରୀଷ୍ଟଙ୍କ ଦ୍ୱାରା ପ୍ରଦତ୍ୱ ମହାନ ଆଶାର ସାକ୍ଷୀ ହେବା ପାଇଁ ଖ୍ରୀଷ୍ଟିୟ ସମୁଦାୟ ମଧ୍ୟରେ ତୁମେ ସାର୍ବଜନୀନ ଆହ୍ୱାନର ପ୍ରତୀକ ହୋଇ ପାରିଛ ।

ଆମ ଆଶାର ବିସ୍ତିର୍ଣ୍ଣ ଦିଗ୍‌ବଳୟ ଏହି ଜଗତର ଅସ୍ଥାୟୀ ଜିନିଷଗୁଡ଼ିକୁ ଅତିକ୍ରମ କରି ସେହି ଦିବ୍ୟ ବାସ୍ତବତାକୁ ଖୋଲିଦିଏ ଯେଉଁଥିରେ ଆମେ ବର୍ତମାନ ମଧ୍ୟ ଅଂଶୀଦାର ଅଟୁ । ଯେପରି ସାଧୁ ପାଉଲ ଷଷ୍ଠ କହନ୍ତି, "ଖ୍ରୀଷ୍ଟଙ୍କଠାରେ ପ୍ରଦତ୍ତ ପରିତ୍ରାଣ, ଯାହା ମଣ୍ଡଳୀ ସମସ୍ତଙ୍କୁ ପରମେଶ୍ୱରଙ୍କର ଦୟାର ଦାନ ଭାବରେ ପ୍ରଦାନ କରନ୍ତି, ତାହା କେବଳ ଚିରସ୍ଥାୟୀ ନୁହେଁ, ବରଂ ତାହା ଭୌତିକ କିମ୍ବା ଆଧ୍ୟାତ୍ମିକ ଆବଶ୍ୟକତାକୁ ମଧ୍ୟ ପୂରଣ କରେ, ... କିନ୍ତୁ ବର୍ତମାନ୍ ତାହା ସମ୍ପୂର୍ଣ୍ଣ ଭାବରେ ସାମୟିକ ଇଚ୍ଛା, ଆଶା, କାର୍ଯ୍ୟ ଏବଂ ସଂଘର୍ଷରେ ଆବଦ୍ଧ ହୋଇସାରିଛି । କିନ୍ତୁ ବାସ୍ତବରେ ପରିତ୍ରାଣର ଆଶା ଏସମସ୍ତ ସୀମାର ଉର୍ଦ୍ଧ୍ୱକୁ ଉଠି ଏକମାତ୍ର ପରମାତ୍ମାଙ୍କ ସହିତ ବିଲୀନ ହୋଇ ପୂର୍ଣ୍ଣତା ପ୍ରାପ୍ତ ହୁଏ । ଏହି ପରିତ୍ରାଣ ଉଭୟ ଅତିକ୍ରମଣୀୟ ଏବଂ ପରଲୋକଗତ ଅଟେ, ଯାହାର ପ୍ରକୃତ ଆରମ୍ଭ ଏହି ଜଗତରେ ହୋଇ ପରକାଳରେ ତାହା ପୂର୍ଣ୍ଣତା ପ୍ରାପ୍ତ ହୋଇଥାଏ ।" (***cf. Evangelii Nuntiandi 27***)

ଏହି ମହାନ ଆଶା ଦ୍ୱାରା ଅନୁପ୍ରେରିତ ହୋଇ, ଖ୍ରୀଷ୍ଟିୟ ସମୁଦାୟଗଣ ସମ୍ପୂର୍ଣ୍ଣ "ବିକଶିତ" ଅଞ୍ଚଳରେ ଦେଖାଯାଉଥିବା ମାନବ ସଙ୍କଟ ପ୍ରତି: ବିଶେଷକରି ଦନ୍ଦ୍ୱର ପ୍ରସାର, ଏକାକୀତା, ବୃଦ୍ଧମାନଙ୍କର ଆବଶ୍ୟକତାକୁ ପୂରଣ କରିବା ପାଇଁ ଉଦାସୀନତା ଦେଖାଇବା ଓ ପଡ଼ୋଶୀଙ୍କୁ ସାହାଯ୍ୟ କରିବାକୁ ଅନିଚ୍ଛା ପ୍ରକାଶ କରିବା ଇତ୍ୟାଦି ଅବସ୍ଥାରେ ଏକ ନୂତନ ମାନବିକତାର ବାହକ ହୋଇପାରିବେ । ପରିତାପର ବିଷୟ ଏହି ଯେ, ସବୁଠାରୁ ପ୍ରଯୁକ୍ତିବିଦ୍ୟା ଉନ୍ନିତ ରାଷ୍ଟ୍ରଗୁଡ଼ିକରେ ପରସ୍ପର ସହିତ, "ନିକଟତା" ଲୋପ ପାଇସାରିଛି । ସେଠାରେ ସମସ୍ତେ ପରସ୍ପର ସହିତ ଯୋଡ଼ିତ ଅଟନ୍ତି, କିନ୍ତୁ ସମ୍ପର୍କରେ ନୁହେଁ । ଏଥିପାଇଁ ଦକ୍ଷତା ପ୍ରତି ଅତ୍ୟାଗ୍ରହ ଏବଂ ଭୌତିକ ଜିନିଷ ପ୍ରତି ମୋହମାୟା ଓ ମହତାକାଂକ୍ଷା ପ୍ରତି ଆକର୍ଷଣ ସେମାନଙ୍କୁ ସ୍ୱାର୍ଥ-କୈନ୍ଦ୍ରିକ କରାଇବା ସହିତ ସେମାନଙ୍କୁ ପରୋପକାରୀତା କାର୍ଯ୍ୟରୁ ଦୂରେଇ ରଖୁଛି । ଅତଏବ, ଏକ ସମ୍ପ୍ରଦାୟ ମଧ୍ୟରେ ସୁସମାଚାରର ସାମୂହୀକ ଓ ବାସ୍ତବ ଅନୁଭୂତି ହିଁ ଆମ ସମସ୍ତଙ୍କୁ ଏକ ପୂର୍ଣ୍ଣ, ସୁସ୍ଥ ଓ ମୁକ୍ତ ସମାଜରୂପେ ପୁନରୁଦ୍ଧାର କରିପାରିବ ।

ଏହି କାରଣରୁ ମୁଁ ପୁଣିଥରେ ଆମ ସମସ୍ତଙ୍କୁ ଜୟନ୍ତୀ ନିର୍ଦ୍ଦେଶାନାମା (Bull of Indication of the Jubilee, 7-15)ରେ ଉଲ୍ଲେଖିତ କାର୍ଯ୍ୟଗୁଡ଼ିକ ଆଗ୍ରହତାର ସହ କରିବା ପାଇଁ ଆହ୍ୱାନ ଦେଉଅଛି, ବିଶେଷକରି ଗରିବ, ଦୁର୍ବଳ, ରୋଗୀ, ବୃଦ୍ଧ ଏବଂ ଭୌତିକ ଓ ଉପଭୋକ୍ତା ସୁବିଧାରୁ ବଞ୍ଚିତ ଲୋକଙ୍କ ପ୍ରତି ବିଶେଷ ଧ୍ୟାନ ଦେବା ଦରକାର । ଏହି କାର୍ଯ୍ୟକୁ ଆପଣମାନେ ପରମେଶ୍ୱରଙ୍କ "ଶୈଳୀ"ରେ କରିବେ, ଯଥା: ଦୟନୀୟ ଅବସ୍ଥାରେ ପଡ଼ିଥିବା ଆମର ଭାଇ ଓ ଭଉଣୀମାନଙ୍କ ପ୍ରତି ନିବିଡ଼ତା, ତାଙ୍କ ପ୍ରତି କରୁଣା ଓ କୋମଳତା ଦେଖାଇ ବ୍ୟକ୍ତିଗତ ଭାବରେ ସେମାନଙ୍କ ସହିତ ସମ୍ପର୍କରେ ରହିବେ (***cf. Evangelii Gaudium, 127-128***)। କାରଣ ପ୍ରାୟତଃ ସେମାନେ ହିଁ ଆମକୁ ଆଶାରେ କିପରି ବଞ୍ଚିବାକୁ ପଡ଼େ ତାହା ଶିଖାଇଥାନ୍ତି । ସେମାନଙ୍କ ସହିତ ବ୍ୟକ୍ତିଗତ ସମ୍ପର୍କରେ ରହିଲେ, ପ୍ରଭୁଙ୍କର କରୁଣାପୂର୍ଣ୍ଣ ହୃଦୟର ପ୍ରେମ ଆମେ ସେମାନଙ୍କୁ ଜଣାଇ ପାରିବା । ଏହା ଦ୍ୱାରା ଆମେ ଜାଣି ପାରିବା ଯେ "ଖ୍ରୀଷ୍ଟଙ୍କର ହୃଦୟ ଅଟେ ... ପ୍ରାରମ୍ଭିକ ସୁସମାଚାର ପ୍ରଚାରର ମୂଳ" (***cf. Dilexit, 32***)। ଏହି ଉତ୍ସରୁ ଆହରଣ କରି, ଆମେ ଈଶ୍ୱରଙ୍କଠାରୁ ପାଇଥିବା ଆଶାକୁ ସରଳତା ସହିତ ପ୍ରଦାନ କରିପାରିବା (୧ ପିତର ୧: ୨୧) ଏବଂ ଈଶ୍ୱରଙ୍କ ଦ୍ୱାରା ଆମକୁ ଯେଉଁ ସାନ୍ତ୍ୱନା ଦିଆଯାଇଛି ସେହି ସମାନ ସାନ୍ତ୍ୱନା ଅନ୍ୟମାନଙ୍କୁ ଦେଇ ପାରିବା (୨କରିନ୍ଥୀୟ ୧: ୩-୪) । ଯୀଶୁଙ୍କର ମାନବ ଓ ଐଶ୍ୱରୀକ ହୃଦୟ ଦ୍ୱାରା ଈଶ୍ୱର ପ୍ରତ୍ୟେକ ପୁରୁଷ ଓ ନାରୀଙ୍କ ହୃଦୟରେ କଥା କହି ଆମ ସମସ୍ତଙ୍କୁ ତାଙ୍କ ପ୍ରେମ ଆଡ଼କୁ ଆକର୍ଷଣ କରିବେ । "ଏହି ମିଶନ୍ କାର୍ଯ୍ୟକୁ ଚଳାଇ ରଖିବାକୁ ହିଁ ଆମେ ପ୍ରେରିତ ହୋଇଅଛୁ: ଖ୍ରୀଷ୍ଟଙ୍କ ହୃଦୟ ତଥା ପିତା ଈଶ୍ୱରଙ୍କ ପ୍ରେମର ଚିହ୍ନ ହୋଇ ସମଗ୍ର ବିଶ୍ୱକୁ ଆନ୍ତରୀକତାରେ ଆପଣାଇବା"(Address to Participants in the General Assembly of the Pontifical Mission Societies, 3 June 2023)

୩. ଆଶାର ମିଶନ୍‌କୁ ନବୀକରଣ କରିବା

ଆଜି ଆମେ ଆଶାର ମିଶନ୍ ପାଇଁ ଜରୁରୀ ପରିସ୍ଥିତିର ସମ୍ମୁଖୀନ ହୋଇଥିବା ବେଳେ, ଖ୍ରୀଷ୍ଟଙ୍କର ଶିଷ୍ୟମାନଙ୍କୁ ପ୍ରଥମେ ଆବିଷ୍କାର କରିବାକୁ ଆହ୍ୱାନ କରାଯାଇଛି ଯେ ସେମାନେ କିପରି ଆଶାର "କାରୀଗର" ଏବଂ ପ୍ରାୟତଃ ବିଚଳିତ ଏବଂ ଦୁଃଖୀ ସମାଜର ପୁନରୁଦ୍ଧାରକାରୀ ହେବେ ।

ଏହି ଉଦ୍ଦେଶ୍ୟରେ, ଆମେ ପ୍ରତ୍ୟେକେ ଦିବ୍ୟଯଜ୍ଞରେ ଅନୁଭୂତ ହେଉଥିବା ପୁନରୁତ୍ଥାନ ବିଶ୍ୱାସରେ ନବୀକୃତ ହେବା ଦରକାର ଏବଂ ବିଶେଷ କରି ପୂଣ୍ୟ ସପ୍ତାହର ***ତ୍ରୀ-ଦୂ୍ୟମ୍*** ଦ୍ୱାରା ଯାହା ତ୍ରୀ-ବର୍ଷିୟ ପୂଜନବିଧି ଚକ୍ରର କେନ୍ଦ୍ର ଏବଂ ଶୀର୍ଷକ ଅଟେ । ଏହାଦ୍ୱାରା ଆମେ ପ୍ରଭୁଙ୍କ ନିସ୍ତାରକୁ ଖ୍ରୀଷ୍ଟଙ୍କ ମୁକ୍ତିଦାୟକ ମୃତ୍ୟୁ ଏବଂ ପୁନରୁତ୍ଥାନରେ ଦୀକ୍ଷିତ ହୋଇଥାଉ, ଯାହା ଚିରନ୍ତନ ମୁକ୍ତି ଇତିହାସର ବସନ୍ତ ରୂପେ ଚିହ୍ନିତ ଅଟେ । ଫଳ ସ୍ୱରୂପ, ଆମେ ହେଉଛୁ ସେହି "ବସନ୍ତକାଳୀନ ବିଶ୍ୱାସୀ ସମୁଦାୟ" ଯେଉଁମାନେ ଆଶାରେ ପରିପୂର୍ଣ୍ଣ ହୋଇ ସମସ୍ତଙ୍କ ସହିତ ଅଂଶୀଦାର ହେଉ, କାରଣ ଖ୍ରୀଷ୍ଟଙ୍କଠାରେ "ଆମେ ବିଶ୍ୱାସ କରୁ ଏବଂ ଜାଣୁ ଯେ, ମୃତ୍ୟୁ ଏବଂ ଘୃଣା ଅନ୍ତିମ ଶବ୍ଦ ନୁହେଁ" **ଯାହା ମାନବ ଅସ୍ତିତ୍ୱରେ ଉଚ୍ଚାରିତ ହୋଇଥାଏ** (***Catechesis, 23 August 2017***)। ପ୍ରତ୍ୟେକ ଦିବ୍ୟଯଜ୍ଞ ତଥା ସଂସ୍କାରୀକ ଉତ୍ସବରେ ଉପସ୍ଥିତ ପାସ୍କା ରହସ୍ୟରେ ଆମେ ବିଶ୍ୱରେ ସୁସମାଚାର ପ୍ରଚାର ଓ ପ୍ରସାରଣ କାର୍ଯ୍ୟକୁ ଉତ୍ସାହ, ଦୃଢ଼ତା ଓ ଧୈର୍ଯ୍ୟର ସହିତ କରିବାକୁ ନିରନ୍ତର ଭାବରେ ପବିତ୍ର ଆତ୍ମାଙ୍କ ଶକ୍ତିକୁ ଆହରଣ କରିଥାଉ । "ପୁନରୁତ୍ଥିତ ଓ ମହିମାନ୍ୱିତ ଖ୍ରୀଷ୍ଟ ହିଁ ଅଟନ୍ତି ଆମ ଆଶାର ଉତ୍ସ ଓ ସମ୍ବଳ, ସୁତରାଂ ଆମକୁ ଯେଉଁ ମିଶନ୍ ଦେଇଛନ୍ତି ତାହାକୁ କାର୍ଯ୍ୟକାରୀ କରିବାକୁ ଆମେ ଆବଶ୍ୟକ କରୁଥିବା ସାହାଯ୍ୟରୁ ସେ କେବେହେଁ ଆମକୁ ବଞ୍ଚିତ କରିବେ ନାହିଁ " (***cf. Evangelii Nuntiandi 275***)। ତାଙ୍କଠାରେ ଆମେ ବଞ୍ଚିରହି ସେହି ପବିତ୍ର ଆଶାର ସାକ୍ଷ୍ୟ ଦେଉଛୁ **ଯାହା "ପରମେଶ୍ୱରଙ୍କଠାରୁ ଏକ ଉପହାର ଏବଂ ଖ୍ରଷ୍ଟିୟାନ ମାନଙ୍କ ପାଇଁ ଏକ କାର୍ଯ୍ୟ ଅଟେ"** (***cf.*** **Hope is a Light in the Night, Vatican City 2024,7**)

ଆଶାର ମିଶନାରୀମାନେ ପ୍ରାର୍ଥନା କରୁଥିବା ବ୍ୟକ୍ତିଗଣ ଅଟନ୍ତି । କାରଣ, କାର୍ଡ଼ିନାଲ ଫ୍ରେଙ୍କୋଇସ୍ -ଜାଭିୟର ଭାନୁ ଥୁଆନଙ୍କ ଭାଷାରେ, "ଯେଉଁ ବ୍ୟକ୍ତି ଆଶା କରନ୍ତି ସେ ଜଣେ ପ୍ରାର୍ଥନା କରୁଥିବା ବ୍ୟକ୍ତି ଅଟନ୍ତି ।" କାରଣ ସେ ନିଜେ ତାଙ୍କର ଦୀର୍ଘ କାରାଦଣ୍ଡର ଜୀବନ କାଳରେ ବିଶ୍ୱସ୍ତ ପ୍ରାର୍ଥନା ତଥା ଦିବ୍ୟଯଜ୍ଞରୁ ଅନବରତ ଶକ୍ତି ସଂଚୟ କରି ଖ୍ରୀଷ୍ଟିୟ ଆଶାକୁ ବଜାୟ ରଖି ପାରିଥିଲେ (**cf. The Road to Hope, Boston, 2001, 963**) । ଆମେ ଭୂଲିଯିବା ଉଚିତ୍ ନୁହେଁ ଯେ ପ୍ରାର୍ଥନା ହିଁ ହେଉଛି ପ୍ରାଥମିକ ମିଶନ୍ କାର୍ଯ୍ୟ ଏବଂ ସର୍ବପରିକେ "ଆଶାର ପ୍ରଥମ ଶକ୍ତି" (**cf. *Catechesis*, 20 May, 2020**)।

ସୁତରାଂ ଆସନ୍ତୁ, ପ୍ରାର୍ଥନା ଦ୍ୱାରା ହିଁ ଆମେ ଆଶାର ମିଶନ୍‌କୁ ନବୀକରଣ କରିବା, ବିଶେଷକରି ପରମେଶ୍ୱରଙ୍କ ବାକ୍ୟ ଆଧାରିତ ପ୍ରାର୍ଥନା ଦ୍ୱାରା ଏବଂ ନିର୍ଦ୍ଦିଷ୍ଟ ରୂପରେ ଗୀତସଂହିତା ଉପରେ ଆଧାରିତ ପ୍ରାର୍ଥନା ଦ୍ୱାରା, ଯାହାର ରଚୟିତା ସ୍ୱୟଂ ପବିତ୍ରାତ୍ମା ଅଟନ୍ତି (**cf. *Catechesis*, 19 June, 2024**) ଗୀତସଂହିତା ଆମକୁ ସମସ୍ତ ପ୍ରତିକୂଳ ପରିସ୍ଥିତିରେ ଭରସା କରିବାକୁ, ଆମ ଚାରି ପାଖରେ ଥିବା ଆଶାର ସଙ୍କେତଗୁଡ଼ିକୁ ଚିହ୍ନିବାକୁ ଏବଂ ସମସ୍ତଙ୍କ ଦ୍ୱାରା ପରମେଶ୍ୱରଙ୍କର ପ୍ରଶଂସା ହେବା ପାଇଁ ନିରନ୍ତର "ମିଶନାରୀ" ଇଚ୍ଛା ରଖିବା ପାଇଁ ତାଲିମ୍ ଦେଇଥାଏ (ଗୀତ ସଂହିତା ୪୧:୧୨, ୬୭:୪) ଆମେ ପ୍ରାର୍ଥନା କରିବା ଦ୍ୱାରା ଆମ ଭିତରେ ପରମେଶ୍ୱରଙ୍କ ଦ୍ୱାରା ପ୍ରଜ୍ୱଳିତ ଆଶାର କିରଣକୁ ଜୀବିତ ରଖିପାରିବା ଏବଂ ଦିନେ ଏହା ଏକ ବିଶାଳ ଅଗ୍ନି ରୂପ ଧାରଣ କରି ଆମ ଚାରିପାଖରେ ଥିବା ସମସ୍ତଙ୍କୁ ତଥା ପ୍ରାର୍ଥନା ଦ୍ୱାରା ଅନୁପ୍ରେରିତ ପ୍ରତ୍ୟେକ ସୃଚୀତ ଓ କାର୍ଯ୍ୟକୁ ମଧ୍ୟ ଉଷ୍ଣତା ଓ ଆଲୋକିତ କରିପାରିବ ।

ପରିଶେଷରେ ମୁଁ ଏହା କହିବାକୁ ଚାହେଁ ଯେ, ଖ୍ରୀଷ୍ଟିୟ ଆଶା ଭଳି ସୁସମାଚାର ପ୍ରଚାର ଓ ପ୍ରସାରଣ କାର୍ଯ୍ୟଟି ମଧ୍ୟ ସର୍ବଦା ଏକ ପ୍ରକ୍ରିୟା ଅଟେ (*cf.* **Benedict XVI, *Spe Salvi,* 14**) ସେହି ପ୍ରକ୍ରିୟାଟି ସୁସମାଚାରର ପ୍ରାରମ୍ଭିକ ପ୍ରଚାର ଏବଂ ଦୀକ୍ଷାସ୍ନାନ ପରେ ଶେଷ ହୁଏ ନାହିଁ, ବରଂ ସେହି ପ୍ରକ୍ରିୟାଟି ସୁସମାଚାର ଆଧାରରେ ପ୍ରତ୍ୟେକ ଦୀକ୍ଷିତଙ୍କୁ ସହଭାଗୀତାର ସାଥ୍ ଦେଇ ଖ୍ରୀଷ୍ଟିୟାନ ସମୁଦାୟକୁ ସୁସଙ୍ଗଠିତ କରିବାର କାର୍ଯ୍ୟକୁ ବଜାୟ ରଖେ । ଏହି ଆଧୁନିକ ସମାଜରେ, ମଣ୍ଡଳୀର ସଦସ୍ୟତା ହେବା କାର୍ଯ୍ୟଟି କେବେହେଁ ଏକାଥରେ ହାସଲ ହୋଇଥିବା ଜିନିଷ ନୁହେଁ । ସେଥିପାଇଁ ହିଁ ବିଶ୍ୱାସର ହସ୍ତାନ୍ତର ଓ ତାହାକୁ ଖ୍ରୀଷ୍ଟଙ୍କଠାରେ ଏକ ପରିପକ୍ୱ ବିଶ୍ୱାସରେ ଗଠନ କରିବା କାର୍ଯ୍ୟଟି "ମଣ୍ଡଳୀର ସମସ୍ତ କାର୍ଯ୍ୟକଳାପ ମଧ୍ୟରୁ ଏକ ଦୃଷ୍ଟାନ୍ତମୂଳକ କାର୍ଯ୍ୟ ଅଟେ" (***cf. Evangelii Gaudium, 15***), ଯେଉଁ କାର୍ଯ୍ୟଟି ସାମୂହୀକ ପ୍ରାର୍ଥନା ଏବଂ କାର୍ଯ୍ୟର ସମ୍ମନ୍ନୟତା ଆବଶ୍ୟକ କରେ । ଏଠାରେ ପୁଣି ଥରେ ମଣ୍ଡଳୀର ଏହି ମିଶନାରୀ ସମ୍ମନ୍ୱୟତା ଓ ପୂଣ୍ୟପିତାଙ୍କର ମିଶନାରୀ ଆୟୋଗ ଦୀକ୍ଷିତ ମିଶନାରୀଙ୍କୁ ପ୍ରୋତ୍ସାହନ ଦେବା ଓ ନୂତନ ଦେବାଳୟ ନିର୍ମାଣ ପାଇଁ ସେବା ଯୋଗାଉଥିବା କାର୍ଯ୍ୟକୁ ମୁଁ ଗୁରୁତ୍ୱ ଦିଏ । ମୁଁ ଆପଣ ସମସ୍ତଙ୍କୁ ଯୋର ଦିଏ, ଯଥା- ପିଲାମାନଙ୍କୁ, ଯୁବ ପିଢ଼ୀଙ୍କୁ, ବୟସ୍କମାନଙ୍କୁ ଏବଂ ବୃଦ୍ଧ-ବୃଦ୍ଧାମାନଙ୍କୁ, ଆବାଳ-ବୃଦ୍ଧ-ବନିତା ସମସ୍ତେ ମଣ୍ଡଳୀର ସାର୍ବଜନୀନ ମିଶନ୍ କାର୍ଯ୍ୟରେ ଆପଣା ଜୀବନର ସାକ୍ଷ୍ୟ ଏବଂ ପ୍ରାର୍ଥନାରେ, ଆପଣା ତ୍ୟାଗ ଓ ବଦାନ୍ୟତା ଦ୍ୱାରା ସକ୍ରୀୟ ଅଂଶ ଗ୍ରହଣ କରନ୍ତୁ । ଏଥିପାଇଁ ମୁଁ ଆପଣ ସମସ୍ତଙ୍କୁ ମୋର ଧନ୍ୟବାଦ ଓ କୃତଜ୍ଞତା ଜଣାଏ ।

ପ୍ରିୟ ଭାଇ ଓ ଭଉଣୀମାନେ, ଆସନ୍ତୁ ଆମେ ଆମର ଆଶାକୁ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କର ଦିବ୍ୟ ଜନନୀ ମାତା ମାରୀୟାଙ୍କ ନିକଟରେ ରଖି ତାଙ୍କର ଶରଣ ଲୋଡ଼ିବା । ତାହାଙ୍କଠାରେ ଏହି ଜୟନ୍ତୀ ଏବଂ ଆଗାମୀ ବର୍ଷଗୁଡ଼ିକ ପାଇଁ ଆମର ନିବେଦନ ଜଣାଇବା: "ପରମେଶ୍ୱରଙ୍କ ପ୍ରେମର ବାର୍ତାରେ ସମ୍ବୋଧିତ ପ୍ରତ୍ୟେକ ପୁରୁଷ ଓ ମହିଳା ଖ୍ରୀଷ୍ଟିୟ ଆଶାର ଆଲୋକରେ ଆଲୋକିତ ହୁଅନ୍ତୁ! ମଣ୍ଡଳୀ ବିଶ୍ୱର ପ୍ରତ୍ୟେକ ସ୍ଥାନରେ ଏହି ବାର୍ତାର ବିଶ୍ୱସ୍ତ ସାକ୍ଷ୍ୟ ଦେଉ!" (***cf. Bull Spes Non Confundit, 6***)

ରୋମ୍, ସାଧୁ ଯୋହନ ଲାଟେରାନ୍, ୨୫ ଜାନୁଆରୀ ୨୦୨୫,ପ୍ରେରିତ ସାଧୁ ପାଉଲଙ୍କ ମନ ପରିବର୍ତନ ପର୍ବ

ପୂଣ୍ୟପିତା ଫ୍ରାନ୍ସିସ୍